ମେସର୍ସ ଏଷ୍ଟର ଇଣ୍ଡଷ୍ଟ୍ରିଜ୍ ଲିମିଟେଡ

ବନାମ

ୟୁ. ପି. ରାଜ୍ୟ ବିଦ୍ୟୁତ ବୋର୍ଡ ଏବଂ ଅନ୍ୟମାନେ

ସେପ୍ଟେମ୍ବର 17,1996

[କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତୀୟ ବିଦ୍ୟୁତ (ଯୋଗାଣ) ଅଧିନିୟମ 1948:*

*ଧାରା. 78-A-ନୂତନ ଭାବେ ସ୍ଥାପିତ ଉଦ୍ୟୋଗଗୁଡ଼ିକୁ ବିଦ୍ୟୁତ ଯୋଗାଣ କ୍ଷେତ୍ରରେ 10% ବିକାଶ ରିହାତି ପ୍ରଦାନ କରିବା-ରାଜ୍ୟ ସରକାରଙ୍କ ନୀତି-ଉଚ୍ଚ ନ୍ୟାୟାଳୟ ଦର୍ଶାଇଛନ୍ତି ଯେ, ବିଦ୍ୟୁତ ବୋର୍ଡ ସ୍ୱୟଂକ୍ରିୟ ଭାବେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଦ୍ୱାରା ଆବଦ୍ଧ ନୁହେଁ-ଅପିଲରେ ଦର୍ଶାଯାଇଛି:ଯେପର୍ଯ୍ୟନ୍ତ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନୀତି ନିର୍ଦ୍ଦେଶ, ଅଧିନିୟମର ବ୍ୟବସ୍ଥାଗୁଡିକ ଏବଂ  ବୋର୍ଡ ଦ୍ୱାରା ନିର୍ଦ୍ଧାରିତ ଶୁଳ୍କ ନୀତି ସହିତ ସୁସଂଗତ,  ଏହି ନିର୍ଦ୍ଦେଶଗୁଡ଼ିକୁ ଗ୍ରହଣ କରିବା କିମ୍ବା ନକରିବା ବୋର୍ଡ ପାଇଁ ଖୋଲା ରହିପାରିବ-ଏହା ବିଚାର କରିବା ରାଜ୍ୟ ସରକାରଙ୍କ ଦାୟିତ୍ୱ ଯେ, ବୋର୍ଡ ଏହି ନୀତି ସ୍ଥିର କରିଛି କି ନାହିଁ କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ସଠିକ ଭାବରେ କାର୍ଯ୍ୟକାରୀ ହୋଇଛି କି ନାହିଁ-ସମ୍ବିଧାନର ଅନୁଛେଦ 226 ଅନୁଯାୟୀ କ୍ଷମତା ବ୍ୟବହାର କରି ଅଧିନିୟମର ଧାରା 78A (1) ଅନୁଯାୟୀ ବୋର୍ଡକୁ ନିର୍ଦ୍ଦେଶ ଦେବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି ନିର୍ଦ୍ଦେଶଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ନ୍ୟାୟାଳୟ ନିର୍ଦ୍ଦେଶ ଦେଇପାରିବେ ନାହିଁ-ଉପ-ଧାରା (2)ର ଏହି କାରଣ ପାଇଁ କୌଣସି ପ୍ରୟୋଗ ନାହିଁ ଯେ, ଯଦି ବୋର୍ଡ କୌଣସି ସନ୍ଦେହ ଅନୁଭବ କରେ ଯେ, ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ଏକ ନୀତିର ପରିସର ମଧ୍ୟରେ ଅଛି କି ନାହିଁ ଅନ୍ୟଥା, ଏହା ଅଧିନିୟମ ଅନୁଯାୟୀ ଗଠିତ କର୍ତ୍ତୃପକ୍ଷଙ୍କୁ ପଠାଯିବ ଯାହାର ନିଷ୍ପତ୍ତି ଚୂଡ଼ାନ୍ତ ହେବ, ଅର୍ଥାତ୍, ଏହି ମାମଲାରେ ପ୍ରଶ୍ନ ବ୍ୟତିରେକ-ପ୍ରତିଶ୍ରୁତି ସ୍ତମ୍ଭନ ସିଦ୍ଧାନ୍ତ-ମାମଲାର ତଥ୍ୟ  ଏବଂ ପରିସ୍ଥିତିରେ ପ୍ରଯୁଜ୍ୟ ନୁହେଁ ।*

*ରିଅଲ୍ ଫୁଡ୍ ପ୍ରଡକ୍ଟସ୍ ଲିମିଟେଡ ଏବଂ ଅନ୍ୟମାନେ ବନାମ ଏ. ପି. ରାଜ୍ୟ ବିଦ୍ୟୁତ ବୋର୍ଡ* **ଏବଂ ଅନ୍ୟମାନେ, AIR (1995) SC 2234, ଉଲ୍ଲେଖ କରାଯାଇଛି ।**

ଦେୱାନୀ ଅପିଲ ଅଧିକରିତା:ବିଶେଷ ଅନୁମତି ଆବେଦନ(ସି) ସଂଖ୍ୟା 18156/1996 ।

ଡବ୍ଲ୍ୟୁ. ପି. 10195/1989ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ତା8.5.96ରିଖର ରାୟ ଏବଂ ଆଦେଶରୁ ।

**ଏଷ୍ଟର ଇଣ୍ଡଷ୍ଟ୍ରିଜ୍ ଲିମିଟେଡ ବନାମ ୟୁ. ପି. ରାଜ୍ୟ ବିଦ୍ୟୁତ ବୋର୍ଡ**

ଅପିଲକାରୀଙ୍କ ପକ୍ଷରୁ ଆର୍. ସନ୍ଥାନମ୍, ଅଶୋକ କୁମାର ସିଂହ ଏବଂ ରାଜିନ୍ଦର ସିଂଘଭି ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶଗୁଡ଼ିକ ପ୍ରଦାନ କରାଯାଇଥିଲା:

ରିଟ୍ ଆବେଦନ ସଂଖ୍ୟା 10195/89 ରେ ଲକ୍ଷ୍ନୌ ସ୍ଥିତ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ଖଣ୍ଡପୀଠରେ ମେ 8,1996 ର, ରାୟ ଏବଂ ଆଦେଶରୁ ଏହି ବିଶେଷ ଅନୁମତି ଆବେଦନ ଉତ୍ପନ୍ନ ହୋଇଛି ।

ସ୍ୱୀକାରଯୋଗ୍ୟ ସ୍ଥିତି ହେଉଛି ଯେ, ଉତ୍ତର ପ୍ରଦେଶ ସରକାର 16 ଜୁଲାଇ, 1986 ରେ ନୂତନ ସ୍ଥାପିତ ଶିଳ୍ପଗୁଡ଼ିକୁ ବିଦ୍ୟୁତ୍ ଯୋଗାଣରେ 10% ବିକାଶମୂଳକ ରିହାତି ପ୍ରଦାନ କରିବାକୁ ମଞ୍ଜୁରୀ ଦେଇଥିଲେ ଏବଂ ଏହା 1990 ପର୍ଯ୍ୟନ୍ତ ପ୍ରଚଳିତ ହେବାର ଥିଲା । ଏହା ଆବେଦନକାରୀଙ୍କ ଦାବି ଯେ, ସେହି ନୀତି ଅନୁଯାୟୀ, ଆବେଦନକାରୀ ନୈନିତାଲ ଜିଲ୍ଲାରେ ନିଜର ଶିଳ୍ପ ପ୍ରତିଷ୍ଠା କରିଥିଲେ । ଫଳସ୍ୱରୂପ, ସେ ରିହାତି ପାଇବାକୁ ହକଦାର ଅଟନ୍ତି । ଯେତେବେଳେ ବିଲ୍ ଜାରି କରାଯାଇଥିଲା, ବୋର୍ଡ ରିହାତିର ବିପରୀତରେ ଏହାର ଶୁଳ୍କ ହାର ଲାଗୁ କରିଥିଲା । ଫଳସ୍ୱରୂପ, ସେମାନେ ରିଟ୍ ଆବେଦନ ଦାଖଲ କରିଥିଲେ । ଉଚ୍ଚ ନ୍ୟାୟାଳୟ ଏହି ଆକ୍ଷେପିତ ରାୟରେ ଦର୍ଶାଇଥିଲେ ଯେ, ଭାରତୀୟ ବିଦ୍ୟୁତ (ଯୋଗାଣ) ଅଧିନିୟମ, 1948 (1948ର ଅଧିନିୟମ 54) (ସଂକ୍ଷେପରେ, 'ଅଧିନିୟମ')ର ଧାରା 78A, ଏକ ବୈଧାନିକ ନୀତି ହୋଇଥିବାରୁ ବୋର୍ଡ ସ୍ୱୟଂକ୍ରିୟ ଭାବେ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି ନିର୍ଦ୍ଦେଶାବଳୀ ଦ୍ୱାରା ଆବଦ୍ଧ ନୁହେଁ । ବୋର୍ଡ ଏହାର ପଦ୍ଧତି ଅନୁଯାୟୀ ଶୁଳ୍କ ସଂଶୋଧନ କରିବାର ହକଦାର ଅଟେ । ତେଣୁ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁସରଣ କରିବାକୁ ବୋର୍ଡକୁ ବାଧ କରି ଆଜ୍ଞାଦେଶ ଜାରି କରାଯାଇପାରିବ ନାହିଁ । ଏହିଭଳି, ଏହି ବିଶେଷ ଅନୁମତି ଆବେଦନ ।

ଆବେଦନକାରୀଙ୍କ ପାଇଁ ଏହା ଯୁକ୍ତି କରାଯାଇଛି ଯେ, ରିଅଲ୍ ଫୁଡ୍ ପ୍ରଡକ୍ଟସ୍ ଲିମିଟେଡ୍ ଏବଂ ଅନ୍ୟମାନେ ବନାମ ଏ. ପି. ଷ୍ଟେଟ୍ ଇଲେକ୍ଟ୍ରିସିଟି ବୋର୍ଡ *ଏବଂ ଅନ୍ୟମାନେ, AIR (1995) SC 2234ରେ, ଏହି ନ୍ୟାୟାଳୟ ଦ୍ୱାରା ପ୍ରତିପାଦିତ ଆଇନକୁ, ବିଶେଷ* ଅନୁଚ୍ଛେଦ 8କୁ ଦୃଷ୍ଟିରେ ରଖି ବୋର୍ଡ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି ନିର୍ଦ୍ଦେଶ ଦ୍ୱାରା ଆବଦ୍ଧ ଅଟେ । ତେଣୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ମତ ଆଇନ ଦୃଷ୍ଟିରୁ ଠିକ ନୁହେଁ । ଏହି ଯୁକ୍ତିରେ ଆମେ କୌଣସି ଦୃଢତା ପାଉନାହୁଁ । ଏହା ଏକ ସ୍ଥିରୀକୃତ ଆଇନଗତ ସ୍ଥିତି ଯେ, ଶୁଳ୍କ ନିର୍ଦ୍ଧାରଣ ଏକ ବୈଧାନିକ ନୀତି ଏବଂ ବୋର୍ଡ ସମୟ ସମୟରେ ଏକତରଫା ଭାବରେ ଶୁଳ୍କ ସଂଶୋଧନ କରିବାକୁ ହକଦାର ଅଟନ୍ତି । ଏହି ଅଧିନିୟମ ଅନୁଯାୟୀ ନିର୍ଦ୍ଧାରିତ ପଦ୍ଧତି ଅନୁଯାୟୀ ବିଧିବଦ୍ଧ ଭାବେ ଅଧିସୂଚିତ ଶୁଳ୍କର ସଂଶୋଧନ ଦ୍ୱାରା ଉପଭୋକ୍ତା ଆବଦ୍ଧ ଅଟନ୍ତି ।

ପ୍ରଶ୍ନଟି ହେଉଛି:ପକ୍ଷମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ଶୁଳ୍କ ସର୍ତ୍ତାବଳୀର ବିପରୀତ, ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁରୂପ ବିଦ୍ୟୁତ ବୋର୍ଡ ଦ୍ୱାରା ରାଜ୍ୟ ଦ୍ୱାରା ଜାରି କରାଯାଇଥିବା ନୀତିଗତ ନିର୍ଦ୍ଦେଶକୁ ଅନ୍ତଃକ୍ଷେପ ଏବଂ ସଂଶୋଧନ କରାଯିବ କି? ଏହି ପରିପ୍ରେକ୍ଷୀରେ, ଅନୁଚ୍ଛେଦ ୫ ରେ ଏହି ନ୍ୟାୟାଳୟଙ୍କ ମନ୍ତବ୍ୟ ପୁନରୁଲ୍ଲେଖ ଯୋଗ୍ୟ ଅଟେ:

> " ଏକମାତ୍ର ଶେଷ ପ୍ରଶ୍ନଟି ହେଉଛି ଅଧିନିୟମର ଧାରା 78A ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶର ପ୍ରକୃତି ଏବଂ ପ୍ରଭାବ ସମ୍ବନ୍ଧରେ । ଏହି ପ୍ରଶ୍ନକୁ ବର୍ତ୍ତମାନର ମାମଲାର ତଥ୍ୟ ପରିପ୍ରେକ୍ଷୀରେ ଯାଞ୍ଚ କରିବାକୁ ପଡ଼ିବ, ଯାହା କୃଷି ପମ୍ପ ସେଟ୍ ପାଇଁ ଏଚ୍. ପି. ପ୍ରତି ସ୍ୱଷ୍ଟ ହାର ଦେୟ କରିବା ମଧ୍ୟରେ ସୀମିତ ଅଟେ । ଶୁଳ୍କ ନିର୍ଦ୍ଧାରଣରେ ବୋର୍ଡର କାର୍ଯ୍ୟର ପ୍ରକୃତି ଏବଂ ଏହାର ପ୍ରୟୋଗର ଶୈଳୀ, ଏହି ନ୍ୟାୟାଳୟଙ୍କର ପୂର୍ବ ନିଷ୍ପତ୍ତିରେ ବିସ୍ତୃତ ଭାବରେ ବିଚାର କରାଯାଇଛି ଏବଂ ବର୍ତ୍ତମାନର ମାମଲାରେ ଏହା ଅଧିକ ବିସ୍ତାର ଆବଶ୍ୟକ କରେ ନାହିଁ । ଧାରା 78A ଏହି ଅଭିବ୍ୟକ୍ତି ବ୍ୟବହାର କରେ ଯେ, "ନୀତି ସମ୍ବନ୍ଧୀୟ ପ୍ରଶ୍ନ ଉପରେ ବୋର୍ଡ ଏପରି ନିର୍ଦ୍ଦେଶାବଳୀ ଦ୍ୱାରା ପରିଚାଳିତ ହେବ ଯାହା, ରାଜ୍ୟ ସରକାରଙ୍କ ଦ୍ୱାରା ଏହାକୁ ଦିଆଯାଇପାରେ।" ଏହା ପ୍ରତୀୟମାନ ହେଉଛି ଯେ, ନୀତି ସମ୍ବନ୍ଧୀୟ କୌଣସି ପ୍ରଶ୍ନ ଉପରେ ରାଜ୍ୟ ସରକାରଙ୍କ ଦ୍ୱାରା ବ୍ୟକ୍ତ ମତ ନିର୍ଦ୍ଦେଶାବଳୀ ପ୍ରକୃତିର ଅଟେ, ଯାହା ନୀତି ସମ୍ବନ୍ଧୀୟ କ୍ଷେତ୍ରରେ ବୋର୍ଡ ଦ୍ୱାରା ଅନୁସରଣ  କରାଯିବ । ଧାରା 59 ସହିତ ପଢାଯାଇଥିବା ଧାରା 49 ଏବଂ ଅଧିନିୟମର ଅନ୍ୟାନ୍ୟ ବ୍ୟବସ୍ଥା ଅନୁଯାୟୀ ଶୁଳ୍କ ସ୍ଥିର କରିବାର ବୋର୍ଡର କାର୍ଯ୍ୟ ପରିପ୍ରେକ୍ଷୀରେ, ବୋର୍ଡ ରାଜ୍ୟ ସରକାରଙ୍କ ଏପରି କୌଣସି ନିର୍ଦ୍ଦେଶାବଳୀ ଦ୍ୱାରା ପରିଚାଳିତ ହେବ, ବର୍ତ୍ତମାନର ମାମଲା ପରି, ଏଚ୍.ପି. ପ୍ରତି ପ୍ରକୃତ ହାରରେ କୃଷି ପମ୍ପ ସେଟ୍ ପାଇଁ ରିହାତି ଶୁଳ୍କ ସ୍ଥିର କରିବାକୁ ଥିଲା, ଏହା ଏକ ନୀତିଗତ ପ୍ରଶ୍ନ ସହିତ ଜଡ଼ିତ ଯାହା ବୋର୍ଡ ଅନୁସରଣ କରିବା ଆବଶ୍ୟକ । ତେବେ, କୌଣସି ନିର୍ଦ୍ଦିଷ୍ଟ ମାମଲାରେ ନିର୍ଦ୍ଦିଷ୍ଟ ହାର ସୂଚିତ କରିବା ସମୟରେ, ରାଜ୍ୟ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ନୀତି ସମ୍ବନ୍ଧୀୟ ପ୍ରଶ୍ନ ଉପରେ ନିର୍ଦ୍ଦେଶ ଦେବାର କ୍ଷମତା ଠାରୁ ଅଧିକ ହୋଇପାରେ, ଯାହାକୁ ବୋର୍ଡ, ଯଦି ଏହାର ଉପସଂହାରରେ ଭିନ୍ନ ହୁଏ, ତେବେ ତାହା ଦ୍ୱାରା ଆବଦ୍ଧ ହେବାକୁ ବାଧ୍ୟ ହୋଇପାରିବ ନାହିଁ । କିନ୍ତୁ ଯଦି ବୋର୍ଡ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ଦରକୁ ମଧ୍ୟ ବିଚାର କରେ ଏବଂ ଶୁଳ୍କ ସ୍ଥିର କରିବାର କାର୍ଯ୍ୟ ନିର୍ବାହରେ ଏହାକୁ ଗ୍ରହଣୀୟ ବୋଲି ବିବେଚନା କରେ, ତେବେ ବୋର୍ଡର ଚୂଡ଼ାନ୍ତ ନିର୍ଣ୍ଣୟ କେବଳ ନିର୍ଦ୍ଦିଷ୍ଟ ହାର ବିଷୟରେ ରାଜ୍ୟ ସରକାରଙ୍କ ମତାମତକୁ ଗ୍ରହଣ କରିଛି ବୋଲି ଅସିଦ୍ଧ ହେବ ନାହିଁ, ଏପରି ମାମଲାରେ ବୋର୍ଡ ପ୍ରସ୍ତାବିତ ହାରକୁ ଗ୍ରହଣ କରେ କାରଣ ଏହା ନିଜ ମତରେ ଉପଯୁକ୍ତ ବୋଲି ମନେ ହୁଏ । ଯଦି ରାଜ୍ୟ ସରକାରଙ୍କ

ଦ୍ୱାରା ତାଙ୍କ ନିର୍ଦ୍ଦେଶରେ ବ୍ୟକ୍ତ ମତ ନୀତିର ସ୍ଥିତିକୁ ଅତିକ୍ରମ କରେ, ତେବେ ବୋର୍ଡ ଏହା ଦ୍ୱାରା ବାଧ ହୋଇପାରିବ ନାହିଁ, ଯେପର୍ଯ୍ୟନ୍ତ ଏହା ଗୁଣବତ୍ତା ଉପରେ ସମାନ ମତ ଗ୍ରହଣ କରେ ନାହିଁ ।"

ଏହି ଅଧିନିୟମର ଧାରା 78A (1) ରେ ଅଭିଗୃହିତ କରେ ଯେ, ଏହାର କାର୍ଯ୍ୟ ନିର୍ବାହରେ, ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଇଥିବା ନୀତି ସମ୍ବନ୍ଧୀୟ ପ୍ରଶ୍ନଗୁଡ଼ିକ ଉପରେ ବୋର୍ଡ ଏପରି ନିର୍ଦ୍ଦେଶ ଦ୍ୱାରା ପରିଚାଳିତ ହେବ । ଅନ୍ୟ ଅର୍ଥରେ, ବିଦ୍ୟୁତ୍ ବୋର୍ଡର ଏକ ବୈଧାନିକ କାର୍ଯ୍ୟ ରହିଛି, ଯାହା ଶୁଳ୍କ ହାର ନିର୍ଦ୍ଧାରଣ କରିବା ଏବଂ ଉପଭୋକ୍ତାଙ୍କୁ ବିଦ୍ୟୁତ ଶକ୍ତି ଯୋଗାଣ ନିମନ୍ତେ ନିୟମ ଓ ସର୍ତ୍ତାବଳୀ ନିର୍ଦ୍ଧାରଣ କରିବା ଏବଂ ତାହାକୁ କାର୍ଯ୍ୟକାରୀ କରିବା । ଏହା ଏକ ବୈଧାନିକ ନୀତି ହୋଇଥିବାରୁ, ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଧାରା 78A ନୀତି ନିର୍ଦ୍ଦେଶାବଳୀ ଅନୁଯାୟୀ କ୍ଷମତା ପ୍ରୟୋଗ କରିବା ସମୟରେ ବିଦ୍ୟୁତ ବୋର୍ଡ ଦ୍ୱାରା ମଧ୍ୟ ବିଚାରକୁ ନିଆଯାଇପାରେ, ଯାହାର କାର୍ଯ୍ୟ ସମ୍ପାଦନ କରିବା ଏକ ବୈଧାନିକ କର୍ତ୍ତବ୍ୟ ଅଟେ । ଯେପର୍ଯ୍ୟନ୍ତ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନୀତି ନିର୍ଦ୍ଦେଶାବଳୀ, ଅଧିନିୟମର ବ୍ୟବସ୍ଥା ଏବଂ ବୋର୍ଡ ଦ୍ୱାରା ନିର୍ଦ୍ଧାରିତ ଶୁଳ୍କ ନୀତି ସହିତ ସୁସଂଗତ, ବୋର୍ଡ ଏହି ନିର୍ଦ୍ଦେଶକୁ ଗ୍ରହଣ କରିବାକୁ କିମ୍ବା ନକରିବାକୁ ଉନ୍ମୁକ୍ତ ରହିପାରେ । ଏହା ବିଚାର କରିବା ରାଜ୍ୟ ସରକାରଙ୍କ ଦାୟିତ୍ୱ ଯେ, ବୋର୍ଡ ଏହି ନୀତି ସ୍ଥିର କରିଛି କି ନାହିଁ କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ସଠିକ ଭାବରେ କାର୍ଯ୍ୟକାରୀ ହୋଇନାହିଁ କି ନାହିଁ ।  ସମ୍ବିଧାନର ଅନୁଚ୍ଛେଦ 226 ଅନୁଯାୟୀ କ୍ଷମତା ବ୍ୟବହାର କରି ଅଧିନିୟମର ଧାରା 78A (1) ଅନୁଯାୟୀ ବୋର୍ଡକୁ ଏହାର କ୍ଷମତା ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି ନିର୍ଦ୍ଦେଶଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ନ୍ୟାୟାଳୟ ନିର୍ଦ୍ଦେଶ ଦେଇପାରିବେ ନାହିଁ ।  ଉପ-ଧାରା (2)ର ଏହି କାରଣ ପାଇଁ କୌଣସି ପ୍ରୟୋଗ ନାହିଁ ଯେ, ଯଦି ବୋର୍ଡ କୌଣସି ସନ୍ଦେହ ଅନୁଭବ କରେ ଯେ, ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ଏକ ନୀତିର କ୍ଷେତ୍ର ମଧ୍ୟରେ ଅଛି କି ନାହିଁ ଅନ୍ୟଥା, ଏହା ଅଧିନିୟମ ଅନୁଯାୟୀ ଗଠିତ କର୍ତ୍ତୃପକ୍ଷଙ୍କୁ ପଠାଯିବ ଯାହାର ନିଷ୍ପତ୍ତି ଚୂଡ଼ାନ୍ତ ହେବ, ଅର୍ଥାତ୍, ଏହି ମାମଲାରେ ପ୍ରଶ୍ନର ବ୍ୟତିରେକ ।

ଆବେଦନକାରୀ ପାଇଁ ବିଜ୍ଞ ଅଧିବକ୍ତା ଆମ ଦୃଷ୍ଟିକୁ ଆଣିଥିଲେ ଯେ, ଏହି ନ୍ୟାୟାଳୟ, ଅନ୍ୟ ଏକ ଖଣ୍ଡପୀଠର ରାୟ ପ୍ରତିକୂଳରେ ପ୍ରତିଶ୍ରୁତି ସ୍ତମ୍ଭନ ପ୍ରୟୋଗ ଯୋଗ୍ୟତାର ପ୍ରଶ୍ନ ଉପରେ ଅନୁମତି ମଞ୍ଜୁର କରିଛନ୍ତି । ଏହି ମାମଲାରେ, ସେହି ପ୍ରଶ୍ନ ଏହି କାରଣରୁ ଉଠୁନାହିଁ ଯେ, ପ୍ରତିଶ୍ରୁତି ସ୍ତମ୍ଭନ କେବଳ ସେହି କ୍ଷେତ୍ରରେ ଲାଗୁ ହେବ ଯେଉଁଠାରେ ପକ୍ଷମାନଙ୍କ ମଧ୍ୟରେ କୌଣସି ଚୁକ୍ତିନାମା ନିଷ୍ପାଦନ ହୋଇନଥିଲା । ଏହି ମାମଲାରେ, ଯେହେତୁ ଆବେଦନକାରୀ ଏବଂ ବୋର୍ଡ ମଧ୍ୟରେ ଆଇନ ଅନୁଯାୟୀ ବିଧିବଦ୍ଧ ଭାବରେ ନିଷ୍ପାଦନ ହୋଇଥିବା ଏକ ଚୁକ୍ତି ରହିଛି ଯାହା ସେମାନଙ୍କୁ ଆବଦ୍ଧ କରେ, ଯଦି ଏହା ସଂଶୋଧିତ ନହୁଏ,

ତେବେ ପ୍ରତିଶ୍ରୁତି ସ୍ତମ୍ଭନର ପ୍ରଶ୍ନ ଉଠୁନାହିଁ । ଏହି ଦୃଷ୍ଟିକୋଣରୁ ବିଚାର କଲେ, ଆମର ମତ ହେଉଛି ଯେ, ଉଚ୍ଚ ନ୍ୟାୟାଳୟ ହସ୍ତକ୍ଷେପକୁ ଆବଶ୍ୟକ କରୁଥିବା ଆଇନରେ କୌଣସି ସ୍ୱଷ୍ଟ ତ୍ରୁଟି କରିନାହାଁନ୍ତି ।

ବିଶେଷ ଅନୁମତି ଆବେଦନ ଖାରଜ ହୋଇଛି ।

ଜି.ଏନ୍. ଆବେଦନ ଖାରଜ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦକ :

ଶ୍ରୀ ଦୀପକ କୁମାର ସାହୁ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ